# ବଢ଼ୁଛି ହୀରାକୁଦ ବନ୍ଧ ସୁରକ୍ଷା ଚିନ୍ତା

# ୧୩ ହଜାର ମିଟର ଫାଟ

ସମ୍ବଲପୁର,୨୨/୯(ଇମିସ): ବହୁମୁଖୀ ହୀରାକୁଦ ବନ୍ଧକୁ ୧୯୫୭ ମସିହା ଜାନୁଆରି ୧୩ ତାରିଖରେ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ହୀରାକୁଦ ବନ୍ଧର ଲୋକାର୍ପଣ କରିଥିଲେ। ମାତ୍ର ୨୧ ଜୁଲାଇ ୧୯୫୬ ମସିହାରେ ଏହି ଜଳଭଣ୍ଡାରରେ ଡାହାଣ ସ୍ପିଲୱେ ଓ ପାୱାର ଡ୍ୟାମ୍ ଅଂଚଳରୁ ପାଣି ଝରୁଥିବା ଦେଖିବାକୁ ମିଳିଥିଲା। ବନ୍ଧ ନିର୍ମାଣ ବେଳେ ହୋଇଥିବା ଯୋଡ଼େଇ(କନଷ୍ଟ୍ରକ୍ସନ ଜଏଣ୍ଟ). କାନ୍ଥର ବିଭିନ୍ନ ସ୍ତର ଯୋଡ଼େଇ(ଲିଫ୍ଟ ଜଏଣ୍ଟ), ଗେଟ୍ ଥିବା ସ୍ଥାନ(ଗେଟ୍ ସାଫ୍ଟ ଓପନିଂ) ଆଦି ଜାଗାରୁ ପାଣି ଲିକେଜ୍ ହେଉଥିଲା।୧୯୫୬ରୁ ୧୯୫୮ ମସିହାରେ ଗ୍ରାଉଟିଂ (ବୈଜ୍ଞାନିକ ପଦ୍ଧତିରେ କାନ୍ଥରେ ଗର୍ତ୍ତ କରି ତରଳ ସିମେଣ୍ଟ ଦେଇ ) ଲିକେଜ ମରାମତି କରାଯାଇଥିଲା। ପୁଣି ୧୯୬୩ରୁ ୧୯୭୩ ମସିହା ମଧ୍ୟରେ କଂକ୍ରିଟ ଡ୍ୟାମ୍‌ରେ ସୃଷ୍ଟି ହୋଇଥିବା ଫାଟକୁ ଗ୍ରାଉଟିଂ କରି ଲିକେଜ୍ ବନ୍ଦ କରାଯାଇଥିଲା। ୧୯୭୪ ମସିହାରେ ଅପରେସନ ଗ୍ୟାଲେରି, ସ୍ଲୁଇସ୍ ବେରେଲ ଓ ଗେଟ୍ ସାଫ୍ଟରେ ସମାନ୍ତରରାଳ ଫାଟ ଦୃଷ୍ଟିଗୋଚର ହୋଇଥିଲା। ଫାଟ ଉପରେ ବ୍ୟବସ୍ଥିତ ଅନୁସନ୍ଧାନ ଓ କେନ୍ଦ୍ର ଜଳ ଆୟୋଗର ପରାମର୍ଶ ଅନୁସାରେ ୧୯୭୫ ମସିହାରେ ସ୍ୱାଭାବିକ ପ୍ରକ୍ରିୟାରେ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନିଆଯାଇଥିଲା। ମାତ୍ର ୧୯୮୩ ମସିହାରେ ବାମ ସ୍ପିଲ୍‌ୱେରେ ଫାଟ ସୃଷ୍ଟି ହୋଇଥିବା ଦେଖାଯାଇଥିଲା। ହୀରାକୁଦ ବନ୍ଧରେ ସୃଷ୍ଟି ହୋଇଥିବା ଫାଟ ଜଳ ସଂପଦ ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା। ୧୯୮୬ ମସିହାରେ ଭାରତୀୟ ନୌବାହିନୀ, ୧୯୮୯ ମସିହାରେ ମୁମ୍ବାଇସ୍ଥିତ ଏଫ୍‌ପିସିସି ଏବଂ ହଲାଣ୍ଡର ଇଏସ୍‌ବିଡି ଦ୍ୱାରା ମିଳିତ ଭାବେ ସର୍ଭେ ହୋଇଥିଲା। ୧୯୭୫ରୁ ୧୯୮୩ ପର୍ଯ୍ୟନ୍ତ ଜଳ ସଂପଦ ବିଭାଗ ପକ୍ଷରୁ ଗ୍ରାଉଟିଂ କରି ମରାମତି କରାଯାଇଥିଲା। ସର୍ବମୋଟ ୨୭ ହଜାର ମିଟର ଲମ୍ବ ବିଶିଷ୍ଟ ଫାଟ ମଧ୍ୟରୁ ୧୪ ହଜାର ମିଟର ପର୍ଯ୍ୟନ୍ତ ମରାମତି ହୋଇପାରିଛି। ବାକି ୧୩ ହଜାର ମିଟର ଲମ୍ବ ବିଶିଷ୍ଟ ସବୁ ଫାଟର ମରାମତି ହୋଇପାରିନଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ସ୍ଲୁଇସ ସମ୍ମୁଖରେ ଗର୍ତ୍ତ

ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ହେଉଛି ୬୩୦ ଫୁଟ୍। ଏହାର ୧୪୦ ଫୁଟ୍ ତଳେ ଅର୍ଥାତ ୪୯୦ ଫୁଟ୍‌ରେ ଫାଉଣ୍ଡେସନ ଗ୍ୟାଲେରି ରହିଛି। ପୁଣି ଏହାର ୨୦ ଫୁଟ ତଳେ ଅର୍ଥାତ ସବାତଳେ ୪୭୦ ଫୁଟ୍‌ରେ ଅଛି ଲୋୟର ଫାଉଣ୍ଡେସନ ଗ୍ୟାଲେରି। ଆଉ ଫାଉଣ୍ଡେସନ ଗ୍ୟାଲେରି ଉପରେ ୫୫୭ ଫୁଟ୍‌ରେ ରହିଛି ଅପରେସନ ଗ୍ୟାଲେରି।



ଅପରେସନ ଗ୍ୟାଲେରି ଦେଇ ବନ୍ୟା ଜଳ ନିଷ୍କାସନ ପାଇଁ ସ୍ଲୁଇସ୍ ଗେଟ୍ ଖୋଲାଯାଇଥାଏ। ୧୯୯୭-୯୮ ମସିହାରେ ଡାହାଣ ଫାଉଣ୍ଡେସନ ଗ୍ୟାଲେରିର ୨ଟି ବ୍ଲକ୍ ମଧ୍ୟରୁ ୩୯ ଏଫ୍-୨(ଫର୍ମ ଡ୍ରେନ) ସମ୍ମୁଖ ଗର୍ତ୍ତ ଦେଇ ମିନିଟ ପ୍ରତି ୧୩୦୦ ଲିଟର ଜଳ ଲିକେଜ ହେଉଥିବା ଜଣାପଡ଼ିଥିଲା। ଟିଏଚ୍‌ସିଆଇଏଲ୍ ସଂସ୍ଥା ଏହି ଗର୍ତ୍ତ ଚିହ୍ନଟ କରିଥିଲା। ସ୍ଲୁଇସ ବେରେଲର ଉଭୟ ବାମ ଓ ଡାହାଣ ସ୍ପିଲୱେର ସମ୍ମୁଖ ଗର୍ତ୍ତର ମରାମତି ଦାୟିତ୍ୱ ସ୍କାନ୍‌ସ୍କା ସିମେଣ୍ଟେସନ ଇଣ୍ଡିଆ ଲିମିଟେଡ୍‌କୁ ଦିଆଯାଇଥିଲା। ମରାମତି ପରେ ପାଣିର ଲିକେଜ୍ ପରିମାଣ ୧୩ ଶହ ଲିଟର ପ୍ରତି ମିନିଟ୍‌ରୁ ୧୧୪ ଲିଟର ପ୍ରତି ମିନିଟକୁ କମାଇ ଦିଆଯାଇ ପାରିଥିଲା। ଗତ ୨୦୦୨-୦୩ରେ ଅଣ୍ଡର ୱାଟର ସର୍ଭେ ବେଳେ ସ୍ପିଲ୍‌ୱେ ନିକଟରେ ପୁଣି ଫାଟ ରହିଥିବା ଜଣାପଡ଼ିଥିଲା। ଏବେ ବନ୍ଧ ଥଇଥାନ ଓ ଉନ୍ନିକରଣ ପ୍ରକଳ୍ପ(ଡ୍ରିପ୍) ଜରିଆରେ ଫାଟ ଓ ଗର୍ତ୍ତ ଚିହ୍ନଟ ଏବଂ ଏହାର ପ୍ରତିକାର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ହୀରାକୁଦ ମୁଖ୍ୟ ବନ୍ଧ ନିର୍ବାହୀ ଯନ୍ତ୍ରୀ ଯଶୋବନ୍ତ ପରିଡ଼ାଙ୍କୁ ପଚାରିବାରୁ ସେ କହିଲେ, ଡ୍ରିପ୍ ଯୋଜନାରେ ଏହାର ସର୍ଭେ ଦାୟିତ୍ୱ ନୂଆଦିଲ୍ଲୀର ସିଏସ୍‌ଏମ୍‌ଆର୍‌ଏସ୍ ସଂସ୍ଥାକୁ ଦିଆଯାଇଛି। ଡିସେମ୍ବର-ଜାନୁଆରି ମାସରେ ଜଳଭଣ୍ଡାର ପାଣି ନିର୍ମଳ ହେଉଥିବାରୁ ଏହି ସମୟରେ ରୋବର୍ଟ ଜରିଆରେ ଚିତ୍ର ଉତ୍ତୋଳନ କରି ଫାଟ ଚିହ୍ନଟ କରାଯିବ। ପୁଣି ଜଳଭଣ୍ଡାରରେ ପୋତି ହୋଇଥିବା ପଟୁ ମାଟିର ଆକଳନ ନିମନ୍ତେ ହାଇଦ୍ରାବାଦର ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ଉଭୟ ବାମ ଓ ଡାହାଣ ଡାଇକ୍ ପାର୍ଶ୍ୱରେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ନିର୍ବାହୀ ଯନ୍ତ୍ରୀ ଇଂ. ପରିଡ଼ା କହିଛନ୍ତି।